بسم الله الرحمن الرحيم

**ଖୁତ୍‌ବା ଜୁମା ୨୩ ଜୁଲାଇ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହ୍‌ମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବାରୁ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଅବ୍ୟାହତ ରହିଛି । ସେହି କ୍ରମରେ ହ. ଉମର୍ ର.ଅଙ୍କ କାଳରେ ହୋଇଥିବା ଯୁଦ୍ଧ ସଂପର୍କରେ ଚର୍ଚ୍ଚା କରିବି । ବୁୱୈବ୍ ଯୁଦ୍ଧ ୧୩ କିମ୍ବା ୧୬ ହିଜରୀରେ ହୋଇଥିଲା । ଇତିହାସରେ ଏହାର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ରହିଛି ଯେ, ଯସର୍ ଯୁଦ୍ଧରେ ପରାଜିତ ହେବା ଯୋଗୁଁ ହ. ଉମର୍ ର.ଅ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଥିଲେ । ଅତଏବ ଆପଣ ର.ଅ ସମଗ୍ର ଆରବ ଦେଶରେ ଖତିବ୍ (ବକ୍ତା) ପ୍ରେରଣ କରି ଆରବର ସଂପ୍ରଦାୟମାନଙ୍କୁ ଏହି ଜାତୀୟ ଯୁଦ୍ଧ ପାଇଁ ପ୍ରସ୍ତୁତ କରିଥିଲେ । ଉକ୍ତ ସୈନ୍ୟଦଳରେ ମୁସଲମାନମାନଙ୍କ ବ୍ୟତୀତ ଖ୍ରୀଷ୍ଟ ସଂପ୍ରଦାୟ ମଧ୍ୟ ସାମିଲ ଥିଲେ । ଅପର ପକ୍ଷେ ହ. ମୁସ୍‌ନା ମଧ୍ୟ ଇରାକ୍‌ର ସୀମାବର୍ତ୍ତୀ ସ୍ଥାନରୁ ସୈନ୍ୟ ବାହିନୀ ଏକତ୍ରିତ କରିନେଇଥିଲେ । ରୁସ୍ତମ୍‌କୁ ଯେତେବେଳେ ମୁସଲମାନ ସୈନ୍ୟମାନଙ୍କ ପ୍ରସ୍ତୁତି ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ସେ ମେହରାନ୍‌ର ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ କରିଥିଲା । ଏହି ଯୁଦ୍ଧ ରମଜାନ ମାସର ହୋଇଥିଲା । ହ. ମୁସ୍‌ନା ସେନାକୁ ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ କରିଥିଲେ ଏବଂ ପୁନଶ୍ଚ ମୁସଲମାନ ଧର୍ମଯୋଦ୍ଧାମାନଙ୍କୁ ଉତ୍ତେଜକପୂର୍ଣ୍ଣ ଅଭିଭାଷଣ ଦେଇ ସେମାନଙ୍କ ଉତ୍ସାହକୁ ବୃଦ୍ଧି କରାଇଥିଲେ । ଯୁଦ୍ଧ ଆରମ୍ଭ ହେଲା ଏବଂ ଘମାଘୋଟ ଯୁଦ୍ଧ ପରେ ଇରାନୀୟ ସେନାରେ ଦଳାଚକଟା ଆରମ୍ଭ ହୋଇଗଲା । ଉକ୍ତ ଯୁଦ୍ଧରେ ଇରାନୀୟ ସେନାପତି ମେହରାନ୍ ସମେତ ଏକ ଲକ୍ଷ ଇରାନୀୟ ସେନା ନିହତ ହୋଇଥିଲା। ଇରାନୀୟ ସୈନ୍ୟ ଯେତେବେଳେ ପରାଜୟ ସ୍ୱୀକାର କରି ପଳାୟନ କଲା ସେତେବେଳେ ହ. ମୁସ୍‌ନା ର.ଅ ସେମାନଙ୍କର ପିଛା କଲେ ଏବଂ ତାଙ୍କୁ ଘେରିନେଲେ ଏବଂ ଅନେକ ଇରାନୀୟ ସିପାହୀମାନଙ୍କୁ ବଧ କରିଦେଲେ । ପରେ ହ. ମୁସ୍‌ନା ର.ଅ ନିଜର ଏହି କାର୍ଯ୍ୟ ପ୍ରତି ଅନୁତପ୍ତ ଭାବ ପ୍ରକାଶ କରି କହିଲେ ଯେ, ସେ କାହିଁକି ପରାଜିତ ସିପାହୀମାନଙ୍କର ପିଛା କଲେ । ଉକ୍ତ ଯୁଦ୍ଧ ବିଭୀଷିକାର ଏହିପରି ପ୍ରଭାବ ପଡ଼ିଥିଲା ଯେ, ଇରାକ୍‌ର ଅନେକ ଆଖପାଖ ଅଞ୍ଚଳରେ ମୁସଲମାନମାନଙ୍କର ମନୋବଳ ଦୃଢୀଭୂତ ହୋଇଗଲା ଏବଂ ସେମାନେ ଇରାକ୍‌ର ଅନେକ ଆଖପାଖ ଅଞ୍ଚଳ ନିଜ ଅକ୍ତିଆରକୁ ଆଣିଥିଲେ ।

ଉକ୍ତ ଯୁଦ୍ଧରେ ମୁସଲମାନ ମହିଳାମାନଙ୍କର ସାହସିକତାର ଉଦାହରଣ ସମ୍ମୁଖକୁ ଆସିଲା ଯେ, ଯୁଦ୍ଧ ପରେ ଯେତେବେଳେ ମୁସଲମାନମାନଙ୍କର ଏକ ସୈନ୍ୟ ଟୁକୁଡ଼ି ଅଶ୍ୱକୁ ଘଉଡ଼ାଇ ମହିଳା ଏବଂ ଶିଶୁମାନଙ୍କ ଶିବିର ନିକଟରେ ପହଞ୍ଚିଲା ସେତେବେଳ ମହିଳାମାନେ ଭାବିଲେ ଯେ, ସମ୍ଭବତଃ ଏହି ସୈନ୍ୟଦଳ ଶତ୍ରୁ ପକ୍ଷର ଅଟେ, ଯିଏ ଆମମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଅଗ୍ରସର ହେଉଛନ୍ତି । ତେଣୁ ସେହି ମହିଳାମାନେ ଛୋଟ ପିଲାମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟକୁ ନେଇ ଆସିଲେ ଏବଂ ସ୍ୱୟଂ ପଥର ଓ କାଠ ଧରି ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ସୈନ୍ୟ ଟୁକୁଡ଼ି ନିକଟବର୍ତ୍ତୀ ହେବା କ୍ଷଣି ମହିଳାମାନଙ୍କୁ ଜ୍ଞାତ ହେଲା ଯେ, ଏହି ସୈନ୍ୟଦଳ ତ' ମୁସଲମାନମାନଙ୍କର ଅଟେ । ତେଣୁ ସେହି ସୈନ୍ୟଦଳର ମାର୍ଗଦର୍ଶକ ସେନାପତି ଉମ୍ରୋ ବିନ୍ ଅବ୍‌ଦୁଲ୍ ମସିହ୍ ନିଃସଙ୍କୋଚ କହି ଉଠିଲା ଯେ, ଅଲ୍ଲାଃତାଲାଙ୍କ ସେନାର ଯତ୍ନ ନେବା ଏହି ମହିଳାମାନଙ୍କୁ ହିଁ ଶୋଭା ଦେଇଥାଏ ।

୧୪ ହିଜ୍‌ରୀରେ କାଦ୍‌ସିୟା ଠାରେ ମୁସଲମାନ ଏବଂ ଇରାନୀୟଙ୍କ ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧ ହୋଇଥିଲା । ଫଳସ୍ୱରୂପ ଇରାନୀୟ ଶାସନର ପରିସମାପ୍ତି ଘଟି ସେହି ଦେଶର ଶାସତ୍ୱ ମୁସଲମାନମାନଙ୍କ ହାତ ମୁଠାକୁ ଚାଲି ଆସିଥିଲା । ଯେତେବେଳେ ଇରାନ୍‌ବାସୀଙ୍କୁ ମୁସଲମାନଙ୍କ ବୀରତ୍ୱପୂର୍ଣ୍ଣ ରୋଚକ କାର୍ଯ୍ୟ ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେ ନିଜର ସର୍‌ଦାର ରୁସ୍ତମ୍ ଏବଂ ଫୈରୁଜାନ୍‌କୁ କହିଲେ ଯେ, ତୁମେ ଦୁହିଁଙ୍କ ମତପାର୍ଥକ୍ୟ ଯୋଗୁଁ ମୁସଲମାନମାନେ ବହୁତ ଶକ୍ତି ତଥା ବଳଶାଳୀ ହେବାରେ ସଫଳ ହୋଇଯାଇଛନ୍ତି । ରୁସ୍ତମ୍ ଓ ଫୈରୁଜାନ୍‌ଙ୍କୁ ବୌରାନ୍ ପଦଚ୍ୟୁତ କରି ୨୧ ବର୍ଷୀୟ ୟଜଦଜର୍ଦ୍ଦଙ୍କୁ ସିଂହାସନରେ ଅଭିଷିକ୍ତ କରିଦେଲା । ହ. ମୁସ୍‌ନା ର.ଅ ଇରାନ୍‌ବାସୀଙ୍କ ପ୍ରସ୍ତୁତି ସଂପର୍କରେ ହ. ଉମର୍ ର.ଅଙ୍କୁ ସୂଚିତ କଲେ, ତେବେ ଆପଣ ର.ଅ ଚତୁର୍ପାର୍ଶ୍ୱରେ ନକିବ୍ (ଘୋଷଣାକାରୀ) ପ୍ରେରଣ କଲେ ଏବଂ ସଂପ୍ରଦାୟର ଅଧିପତିଙ୍କୁ ମକ୍କାରେ ଏକତ୍ରିତ ହେବା ପାଇଁ ଆଦେଶ ଦେଲେ । ସେତେବେଳେ ହଜ୍ ସମୟ ନିକଟବର୍ତ୍ତୀ ଥିଲା । ଅତଏବ ହ. ଉମର୍ ର.ଅ ହଜ୍ ପାଇଁ ଗମନ କଲେ । ଯେତେବେଳେ ଆପଣ ହଜ୍‌ରୁ ଫେରିଲେ ସେତେବେଳେ ମଦିନାରେ ଏକ ବିଶାଳ ସୈନ୍ୟବାହିନୀ ଏକତ୍ରିତ ହୋଇସାରିଥିଲା । ପ୍ରଥମତଃ ହ. ଉମର୍ ର.ଅ ହ. ଅଲୀ ର.ଅଙ୍କୁ ମଦିନାରେ ଅମୀର ନିଯୁକ୍ତ କରି ଉକ୍ତ ସେନାର ନେତୃତ୍ୱ ନେଇ ସେହି ଅଭିଯାନରେ ବାହାରି ପଡ଼ିଥିଲେ । ତିବ୍ରୀର ଇତିହାସ ପୃଷ୍ଠାରେ ଉଲ୍ଲିଖିତ ବିସ୍ତୃତ ବିବରଣୀ ଅନୁଯାୟୀ ପ୍ରଥମେ ପ୍ରଥମେ ହ. ଉମର୍ ର.ଅ ଉକ୍ତ ସୈନ୍ୟବାହିନୀର ନେତୃତ୍ୱ ସ୍ୱୟଂ ବହନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ହ. ଅବ୍‌ଦୁର ରହେମାନ ବିନ୍ ଔଫ୍ ର.ଅଙ୍କ ପରାମର୍ଶ କ୍ରମେ ଚାରି ହଜାର ଧର୍ମଯୋଦ୍ଧା ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ନେତୃତ୍ୱରେ ପ୍ରେରଣ କରିଥିଲେ । ଆପଣ ର.ଅ ହ. ସାଆଦ୍ ର.ଅଙ୍କ ପ୍ରସ୍ଥାନ ପୂର୍ବରୁ ତାଙ୍କୁ କିଛି ନିର୍ଦ୍ଦେଶାବଳୀ ଏବଂ ବିଶେଷ ଉପଦେଶ ଦେଲେ । ସେହିପରି କାଦ୍‌ସିୟା ପର୍ଯ୍ୟନ୍ତ ପହଞ୍ଚିବାର ମାର୍ଗ ଏବଂ ଯୁଦ୍ଧଭୂମିରେ ସମୟାନୁକୂଳ ନୈତିକ ଏବଂ ମୌଳିକ କଥାମାନ କହିଥିଲେ । ଗୋଟିଏ ପକ୍ଷରେ ହ. ସାଆଦ୍ ର.ଅ ଶରାଫ୍ ଠାରେ ପହଞ୍ଚି ଶିବିର ସ୍ଥାପନ କଲେ, ଅପର ପକ୍ଷରେ ହ. ମୁସ୍‌ନା ର.ଅ ଆଠ ହଜାର ସୈନିକଙ୍କ ସହିତ ଉପସ୍ଥିତ ଥିଲେ । କିନ୍ତୁ ଉକ୍ତ ଅବସରରେ ହ. ମୁସ୍‌ନା ର.ଅଙ୍କର ବିୟୋଗ ଘଟିଥିଲା । ହ. ଉମର୍ ର.ଅ ମୁଗିରା ବିନ୍ ଶୈବାଙ୍କୁ ଏକ ସୈନ୍ୟ ଟୁକୁଡ଼ି ସହିତ ପ୍ରେରଣ କଲେ ଏବଂ ହ. ସାଆଦ୍ ର.ଅଙ୍କୁ ଲେଖିଲେ ଯେ, ତୁମେ ମୁଗିରା ବିନ ଶୈବାଙ୍କୁ ନିଜର ସେନାପତିତ୍ୱରେ ଅବଶ୍ୟ ରଖିବ । ହ. ସାଆଦ୍ ର.ଅ ହ. ଉମର୍ ର.ଅଙ୍କ ପଚାରିବା ଫଳରେ ନିଜର ସୈନ୍ୟ ଗଠନ ଓ ଚତୁର୍ଦ୍ଦିଗର ସୀମା ସଂପର୍କରେ ବିସ୍ତୃତ ବିବରଣୀ ଉଲ୍ଲେଖ କରି ପ୍ରେରଣ କଲେ । ଫଳତଃ ହ. ଉମର୍ ର.ଅ ଯୁଦ୍ଧ ହିତ ତଥା ସ୍ୱାର୍ଥକୁ ଦୃଷ୍ଟିରେ ରଖି ତତ୍‌ସଂପର୍କରେ ହ. ସାଆଦ୍ ର.ଅଙ୍କୁ ନିର୍ଦ୍ଦେଶାବଳୀ ଦେଇଥିଲେ ।

ହ. ସାଆଦ୍ ର.ଅ ଖିଲାଫତ୍ ଦରବାରର ମାର୍ଗଦର୍ଶନ କ୍ରମେ କାଦ୍‌ସିୟାରେ ଏକ ମାସ କାଳ ଅବସ୍ଥାନ କରିଥିଲେ। ଯେତେବେଳେ ଇରାନୀୟମାନଙ୍କ ପକ୍ଷରୁ କୌଣସି ବ୍ୟକ୍ତି ମୁକାବିଲା ପାଇଁ ଆସିଲେ ନାହିଁ, ସେତେବେଳେ ଉକ୍ତ ଅଞ୍ଚଳର ଲୋକମାନେ ୟଜଦ୍‌ଜର୍ଦ୍ଦକୁ ମୁସଲମାନମାନଙ୍କର ଉପସ୍ଥିତି ସଂପର୍କରେ ଲେଖିଥିଲେ । ଫଳତଃ ୟଜଦ୍‌ଜର୍ଦ୍ଦ ରୁସ୍ତମ୍‌କୁ ଡ଼ାକିଲା । କିନ୍ତୁ ରୁସ୍ତମ୍ ଆଳ ନୀତି ଅବଲମ୍ବନ କରି ଯୁଦ୍ଧରେ ଅଂଶଗ୍ରହଣ ନକରିବା ପାଇଁ ପ୍ରୟାସ କଲା ଏବଂ ନିଜ ସ୍ଥାନରେ ଜାଲିନୋସ୍‌କୁ ସୈନ୍ୟଦଳର ସେନାପତି ନିଯୁକ୍ତ କରିବା ପଇଁ ପରାମର୍ଶ ଦେଲା । ମହାରାଜା ସମ୍ମୁଖରେ ରୁସ୍ତମ୍‌ର କୌଣସି ଆଳ ନୀତି କାମ କଲା ନାହିଁ । ଫଳତଃ ରୁସ୍ତମ୍ ସୈନ୍ୟଦଳର ସେନାପତିତ୍ୱ ପଦ ସମ୍ଭାଳିବାକୁ ବାଧ୍ୟ ହୋଇଥିଲା । ହ. ଉମର୍ ର.ଅ ହ. ସାଆଦ୍ ରଅଙ୍କୁ କହିଲେ ଯେ, ରୁସ୍ତମ ନିକଟରେ ଇସ୍‌ଲାମ୍‌ର ନିମନ୍ତ୍ରଣ ପାଇଁ ବୁଦ୍ଧିମାନ ଓ ସାହସୀ ଲୋକଙ୍କୁ ପ୍ରେରଣ କର । ହ. ସାଆଦ୍ ର.ଅ ୧୪ ଜଣ ବ୍ୟକ୍ତିକୁ ମନୋନୀତ କରି ସନ୍ଦେଶ ବାହକ ରୂପେ ଶତ୍ରୁ ନିକଟକୁ ନିଜର ଦୂତ ପ୍ରେରଣ କରିଥିଲେ । ସେହି ସନ୍ଦେଶବାହକମାନେ ୟଜଦ୍‌ଜର୍ଦ୍ଦ ସମ୍ମୁଖରେ ତିନୋଟି ସର୍ତ୍ତ ଉପସ୍ଥାପନ କରିଥିଲେ । ୧- ଇସ୍‌ଲାମ୍ ଧର୍ମ ଗ୍ରହଣ କରିନିଅ, ୨- ତୁମେ ଆମର ବଶ୍ୟତାକୁ ସ୍ୱୀକାର କରି ଯିଜୟା ଦିଅ, ନଚେତ ୩- ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ । ପ୍ରତ୍ୟୁତ୍ତରରେ ୟଜଦଜର୍ଦ୍ଦ କହିଲା ଯେ, ସନ୍ଦେଶବାହକକୁ ହତ୍ୟା କରିବା ମୋ ପକ୍ଷରେ ଯଦି ମୋ ନୀତି ବିରୁଦ୍ଧୀୟ ହୋଇ ନଥାନ୍ତା ତାହାହେଲେ ମୁଁ ତୁମ ସମସ୍ତଙ୍କୁ ହତ୍ୟା କରିଦେଇ ଥାଆନ୍ତି । ଏହାପରେ ସେ ମାଟିର ଏକ ଟୋକେଇ ବରାଦ କରି କହିଲା ଯେ, ମୋ ତରଫରୁ ଏଇ ଟୋକେଇଟି ନେଇଯାଅ । ଏତଦ୍ ବ୍ୟତୀତ ତୁମକୁ ଆଉ କିଛି ମିଳିବ ନାହିଁ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କାଦ୍‌ସିୟା ଯୁଦ୍ଧ ସଂପର୍କରେ ଚର୍ଚ୍ଚା କରି କହନ୍ତି ସେହି ସାହାବାମାନେ ଅତ୍ୟନ୍ତ ଗାମ୍ଭୀରତାର ସହିତ ଆଗକୁ ଅଗ୍ରସର ହେଲେ ଏବଂ ନିଜକୁ ନତମସ୍ତକ କରିଦେଲେ ଓ ନିଜ ପିଠି ଉପରେ ମାଟି ବସ୍ତାକୁ ବହନ କରିନେଲେ । ପୁନଶ୍ଚ ଏତଦ୍‌ପରେ ସେହି ସାହାବିମାନେ ଏକ ଲମ୍ଫ ମାରିଲେ ଏବଂ କ୍ଷିପ୍ରତାର ସହିତ ଦରବାରରୁ ବାହାରି ଆସିଲେ ଏବଂ ନିଜର ସାଥିମାନଙ୍କୁ ଉଚ୍ଚ ସ୍ୱରରେ କହିଲେ ଆଜି ଇରାନ୍‌ର ସମ୍ରାଟ ସ୍ୱହସ୍ତରୁ ନିଜ ଦେଶର ଭିଟାମାଟିକୁ ଆମକୁ ହସ୍ତାନ୍ତର କରିଦେଇଛି । ଏହା କହି ସେହି ପ୍ରତିନିଧି ମଣ୍ଡଳ ଅଶ୍ୱ ଉପରେ ଆରୋହଣ ହେଲେ ଏବଂ ଦ୍ରୁତ ବେଗରେ ସେଠାରୁ ବାହିରିଗଲେ । ଯେତେବେଳେ ମହାରାଜା ମୁସଲମାନ ମାନଙ୍କର ଶ୍ଲୋଗାନ ଶୁଣିଲା ସେତେବେଳେ ଏହାକୁ ଅଶୁଭ ବୋଲି ହୃଦୟଙ୍ଗମ କରି ପ୍ରକମ୍ପିତ ହୋଇ ଉଠିଲା ଏବଂ ନିଜର ଦରବାରୀମାନଙ୍କୁ ମୁସଲମାନମାନଙ୍କ ପଛରେ ଦଉଡ଼ାଇଲା । କିନ୍ତୁ ମୁସଲମାନ ଅଶ୍ୱାରୋହୀ ସେତେବେଳକୁ ଅନେକ ଦୂରକୁ ଚାଲି ଯାଇଥିଲେ ।

ଉକ୍ତ ଘଟଣା ପରେ ଅନେକ ମାସ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ନୀରବତା ବର୍ଦ୍ଧିତ ରହିଲା । ୟଜଦ୍‌ଜର୍ଦ ତାଗିଦ୍ ସତ୍ତ୍ୱେ ରୁସ୍ତମ୍ ଯୁଦ୍ଧରୁ ମୁହଁ ଲୁଚାଇଲା ଅର୍ଥାତ ଅନିଚ୍ଛା ଭାବ ପ୍ରକାଶ କଲା । ଶେଷରେ ରୁସ୍ତମ୍ ବାଧ୍ୟ ହୋଇ ଯୁଦ୍ଧ ଲଢିବା ପାଇଁ ଅଗ୍ରସର ହେଲା ଏବଂ ଇରାନୀୟ ସୈନ୍ୟ ସାବାତ୍‌ରୁ ବାହାରି କାଦ୍‌ସିୟାର କ୍ଷେତ୍ରରେ ଶିବିର ଲଗାଇଲା । ସେତେବେଳେ ତା' ସୈନ୍ୟ ସଂଖ୍ୟା ଏକ ଲକ୍ଷ ତିରିଶି ହଜାର ଥିଲା ଏବଂ ତା' ସେନାରେ ତେତ୍ରିଶିଗୋଟି ହାତୀ ମଧ୍ୟ ଥିଲେ । ରୁସ୍ତମ୍ କାଦ୍‌ସିୟା ଠାରେ ଇସ୍‌ଲାମୀୟ ସୈନ୍ୟର ନିରୀକ୍ଷଣ କଲା ଏବଂ ମୁସଲମାନମାଙ୍କୁ ଫେରିଯିବା ପାଇଁ ତଥା ସନ୍ଧି ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଲା । ରୁସ୍ତମ୍ ଏହି ଅଭିଯାଚନା କଲା ଯେ, ତା' ଦରବାରରେ ମୁସଲମାନ ପକ୍ଷରୁ ସନ୍ଦେଶବାହକ ବାର୍ତ୍ତାଳାପ କରିବା ପାଇଁ ଆସନ୍ତୁ । ଉକ୍ତ ଆଲୋଚନା ଚକ୍ରରେ ମଧ୍ୟ ମୁସଲମାନମାନେ ସେହି ତିନୋଟି କଥା ଉପସ୍ଥାପିତ କଲେ ଅର୍ଥାତ ୧- ଇସ୍‌ଲାମ୍ ଧର୍ମ ଗ୍ରହଣ କରନ୍ତୁ, ୨- ଯିଜ୍‌ୟା ଦିଅନ୍ତୁ, ନତୁବା ୩- ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହନ୍ତୁ । ମୁସଲମାନମନେ ନିଜର ଧାଡ଼ି ସଜାଡ଼ି ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲେ, ସେତେବେଳେ ହ. ସାଆଦ୍‌ଙ୍କ ଶରୀରରେ ଏକ ବଥ ବାହାରି ପଡ଼ିଲା । ଉରୁକୁନ୍ ନିସା ଅର୍ଥାତ ଶିୟାଟିକା ରୋଗ ଯୋଗୁଁ ସେ ବସି ପାରୁନଥିଲେ ଏବଂ ଗମ୍ଭୀର ରୂପେ ଅସୁସ୍ଥ ହୋଇ ସେ ଶଯ୍ୟାଶାୟୀ ହୋଇ ରହୁଥିଲେ ଅର୍ଥାତ ପେଟେଇ ପଡ଼ି ରହୁଥିଲେ । ହ. ସାଆଦ୍ ର.ଅ ପ୍ରାସାଦର ଛାତରୁ କିମ୍ବା ବୃକ୍ଷ ଉପରେ ନିର୍ମିତ ଏକ ମଞ୍ଚା ଉପରୁ ସେନା ଉପରେ ନଜର ରଖୁଥିଲେ । ଅତଏବ୍ ହ. ସାଆଦ୍ ର.ଅ ଖାଲିଦ୍ ବିନ୍ ଅର୍‌ଫାଅଙ୍କୁ ନିଜର ଉପସେନାପତି ଭାବରେ ନିଯୁକ୍ତ କଲେ । ହ. ସାଆଦ୍ ମୁସଲମାନମାନଙ୍କୁ ସମ୍ବୋଧିତ କଲେ ଏବଂ ସେମାନଙ୍କୁ ଜିହାଦ୍ କରିବା ପାଇଁ ପ୍ରବର୍ତ୍ତାଇଲ । ଇରାନୀୟ ସୈନ୍ୟ ମଧ୍ୟରୁ ତିରିଶି ହଜାର ଶିକୁଳି ସହିତ ଭିଡ଼ାଭିଡ଼ି ହୋଇ ରହିଥିଲେ । କାରଣ କୌଣସି ବ୍ୟକ୍ତିକୁ ଖସି ପଳାଇ ଯିବାର ଯେପରି ଅବସର ନମିଳିବ । ହ. ସାଆଦ୍ ମୁସଲମାନମାନଙ୍କୁ ସୁରା ଅନ୍‌ଫାଲ୍ ପଢିବା ପାଇଁ ଆଦେଶ ଦେଲେ । ଯେତେବେଳେ ତାହାର ତିଲାୱତ୍ କରାଗଲା ସେତେବେଳେ ମୁସଲମାନମାନେ ଶାନ୍ତି ଓ ଆଶ୍ୱସ୍ତି ଅନୁଭବ କଲେ । ନମାଜ ଜୋହର୍ ପରେ ମୁସଲମାନ ଏବଂ ଇରାନ୍‌ବାସୀଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । **ପ୍ରଥମ ଦିନ** ବନୁ ଅସଦ୍‌ର ୫୦୦ ମୁସଲମାନମାନେ ବୀଗରତି ପ୍ରାପ୍ତ କଲେ । **ଦ୍ୱିତୀୟ ଦିନ** ଯେତେବେଳେ ସକାଳ ହେଲା ସେତେବେଳେ ହ. ହାଶିମ୍ ବିନ୍ ଅତ୍‌ବା  ବିନ୍ ଅବି ୱକ୍କାସ୍ ଉକ୍ତ ସୈନ୍ୟ ଟୁକୁଡ଼ିର ଅମୀର୍ ଥିଲେ । ହ. କାଅକା ଯୁଦ୍ଧ କରିବାକୁ ଅଭିଳାଷୀ ଥିଲେ । ବହ୍‌ମନ୍ ଯାଜ୍‌ୱିୟା ମୁକାବିଲା କରିବା ପାଇଁ ବାହାରି ଆସିଲା ଏବଂ ହ. କାଅକା ତାହାକୁ ବଧ କରିଦେଲେ । ମୁସଲମାନମାନେ ବହ୍‌ମନ୍ ଯାଜ୍‌ୱିୟାର ବଧ ହେବା ଦେଖି ଅତ୍ୟନ୍ତ ପ୍ରସନ୍ନ ହୋଇଗଲେ । **ତୃତୀୟ ଦିନ** ରକ୍ତାକ୍ତମୟ ଯୁଦ୍ଧ ହୋଇଥିଲା । ମୁସଲମାନ ବୀରଗତି ପ୍ରାପ୍ତ କରିଥିଲା ସୈନିକଙ୍କ ସଂଖ୍ୟା ଦୁଇ ହଜାର ଥିଲା ଏବଂ ଅପରପକ୍ଷ୍  ଇରାନୀୟ ସେନାର ଦଶ ହଜାର ସିପାହୀ ନିହତ ହୋଇଥିଲେ । ହ. ସାଆଦ୍ ର.ଅଙ୍କ ନିର୍ଦ୍ଦେଶ କ୍ରମେ ହ. କାଅକା ଏବଂ ହ. ଆସିମ୍ ର.ଅ ଇରାନୀୟ ସେନାର ଧବଳ ରଙ୍ଗର ହାତୀର ଅନ୍ତ ଘଟାଇଥିଲେ । ପରିଶେଷରେ ସେହି ହାତୀ ଯାହାକୁ **ଅଯରବ୍** କହୁଥିଲେ ସେ ଅତିକ୍ ନଦୀ ଆଡ଼କୁ ପଳାୟନ କଲା ଏବଂ ତା'କୁ ଦେଖି ଅନ୍ୟ ହାତୀମାନେ ମଧ୍ୟ ତା' ପଛେ ପଛେ ନଦୀ ବକ୍ଷ ମଧ୍ୟକୁ ଲମ୍ଫ ମାରିଲେ । ଫଳତଃ ହାତୀ ଚାଳକ ଓ ହାତୀ ଉଭୟେ ନଦୀ ବକ୍ଷରେ ଲମ୍ଫ ମାରି ନିଃଶେଷ ହୋଇଗଲେ ।

ସେଦିନ ଇଶା ନମାଜ ପରେ ପୁନର୍ବାର ଘମାଘୋଟ ଯୁଦ୍ଧ ଆରମ୍ଭ ହେଲା । ଆରବ ଏବଂ ଅଣଆରବୀମାନେ ସେଦିନ କେବେହେଲେ ଏହିପରି ରାତ୍ରର କରାଳ ରୂପ ଦେଖି ନଥିଲେ । ଅହର୍ନିଶି ହ. ସାଆଦ୍ ର.ଅ ମଧ୍ୟ ଉଜାଗର ରହିଥିଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନାରେ ନିମଜ୍ଜିତ ରହିଲେ । ଯେତେବେଳେ ପ୍ରାତଃ ହେଲା ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଉତ୍ସାହ ଏବଂ ସାହାସ ଅବ୍ୟାହତ ରହିଥିଲା ଏବଂ ମୁସଲମାନ ସେନା ଇରାନୀୟ ସେନା ଉପରେ ପ୍ରଭାବ ବିସ୍ତାର କରି ସାରିଥିଲେ । ସେ ଯାହା ହେଉ ନା କାହିଁକି **ଚତୁର୍ଥ ଦିନ** ସକାଳୁ ଦ୍ୱିପ୍ରହର ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିଲା ଏବଂ ଇରନୀୟ ସୈନ୍ୟ ପରାଜୟ ବରଣ କରିଥିଲା । ଏହାପରେ ଯେତେବେଳେ ରୁସ୍ତମ୍ ଉପରେ ଆକ୍ରମଣ କରାଗଲା ସେତେବେଳେ ସେ ଅତିକ୍ ନଦୀ ଆଡ଼କୁ ପଳାୟନ କଲା । ଯେତେବେଳେ ସେ ନଦୀ ବକ୍ଷ ମଧ୍ୟକୁ ଲମ୍ଫ ମାରିଲା ସେତେବେଳେ ହିଲାଲ୍ ନାମକ ଜଣେ ମୁସଲମାନ ତା'କୁ ଧରି ନେଲା ଏବଂ ଟାଣି ଶୁଷ୍କ ସ୍ଥାନକୁ ନେଇ ଆସିଲ ଏବଂ ତାହାକୁ ବଧ କରିଦେଲା । ରୁସ୍ତମ୍‌ର ନିହତ ହେବା ଖବର ଶୁଣିବା ପରେ ଇରାନ ସେନା ପରାଜୟ ସ୍ୱୀକାର କରି ପଳାୟନ କଲେ । ମୁସଲମାନମାନେ ସେମାନଙ୍କର ପିଛା କରି ସେମାନଙ୍କୁ ମଧ୍ୟ ବଧ କରିଦେଲେ ଏବଂ ଏକ ବିପୁଳ ସଂଖ୍ୟାକଙ୍କୁ ବନ୍ଦୀ ମଧ୍ୟ କରି ନେଇଥିଲେ । ସେହି ଦିନକୁ **ୟମେ କାଦ୍‌ସିୟା** କୁହାଯାଏ ।

ହ. ଉମର୍ ର.ଅ ଦୈନିକ ସକାଳେ ହେବା ମାତ୍ରେ ଯୁଦ୍ଧ ଭୂମିରୁ ଫେରନ୍ତା ଯୋଦ୍ଧା ଏବଂ ଅଶ୍ୱାରୋହୀଙ୍କୁ କାଦ୍‌ସିୟା ଯୁଦ୍ଧ ସଂପର୍କରେ ପଚାରି ଖବର ବୁଝୁଥିଲେ । ଯେତେବେଳେ ଯୁଦ୍ଧ ବିଜୟର ଶୁଭସମାଚାର ଦେବା ନିମନ୍ତେ ସନ୍ଦେଶବାହକ ଆସି କହିଲା ଅଲ୍ଲାଃତାଲା ଅବିଶ୍ୱାସକାରୀମାନଙ୍କୁ ଆଜି ପରାଜିତ କରିଛନ୍ତି ସେତେବେଳେ ହ. ଉମର୍ ର.ଅ ଦଉଡ଼ି ଯାଇଥିଲେ ଏବଂ ଖବର ସଂଗ୍ରହ କରିଥିଲେ । କିନ୍ତୁ ଉକ୍ତ ଓଟ ଉପରେ ଆରୋହଣ ହୋଇଥିବା ସିପାହୀ ହ. ଉମର୍ ର.ଅଙ୍କୁ ଚିହ୍ନି ନଥିଲା । ଯେତେବେଳେ ସେହି ସନ୍ଦେଶ ବାହକ ମଦିନାରେ ପ୍ରବେଶ କଲା ଏବଂ ଲୋକମାନେ ହ. ଉମର୍ ର.ଅଙ୍କୁ ଅମୀରୁଲ୍ ମୁମିନିନ୍ କହି ସମ୍ବୋଧିତ କରୁଥିଲେ ଓ ସଲାମ୍ କରୁଥିଲେ ସେତେବେଳେ ସନ୍ଦେଶବାହକ ହ. ଉମର୍ ର.ଅଙ୍କୁ କହିଲା ଯେ, ଆପଣ କାହିଁକି ମୋତେ କହିଲେ ନାହିଁ ଯେ, ଆପଣ ଅମୀରୁଲ୍ ମୁମିନିନ୍ ଅଟନ୍ତି ? ହ. ଉମର୍ ର.ଅ କହିଲେ ହେ ମୋର ଭାଇ ! କିଛି କଥା ନାହିଁ । ସେ ଯାହା ହେଉ ନା କାହିଁକି ବିଜୟର ସୂଚନା ପ୍ରାପ୍ତ ପରେ ହ. ଉମର୍ ର.ଅ ସର୍ବସାଧାରଣରେ ବିଜୟର ଘୋଷଣା କଲେ ଏବଂ ଏହାପରେ ଆପଣ ର.ଅ ଏକ ପ୍ରଭାବଶାଳୀ ଭାଷଣ ମଧ୍ୟ ଦେଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଏହି ଭବ୍ୟ ପରିବର୍ତ୍ତନ ମୁସଲମାନମାନଙ୍କ ମଧ୍ୟରେ କାହିଁକି ଓ କିପରି ସୃଷ୍ଟି ହେଲା ? ଏଥିପାଇଁ ଯେ, ପବିତ୍ର କୁରଆନୀୟ ଶିକ୍ଷା ସେମାନଙ୍କ ଆଚାର ବ୍ୟବହାର ଓ ଚାଲି ଚଳଣ ତଥା ଅଭ୍ୟାସରେ ଅଭୂତପୂର୍ବ ପରିବର୍ତ୍ତନ ଏବଂ ବିପ୍ଳବ ଆଣି ଦେଇଥିଲା । ସେମାନଙ୍କର ବ୍ୟର୍ଥ ଜୀବନ ଉପରେ ଏହା ମୃତ୍ୟୁର ଏକ ଛାୟା ଖେଳାଇ ଦେଇଥିଲା ଏବଂ ସେମାନଙ୍କୁ ଉଚ୍ଚ ଚରିତ୍ରବତ୍ତା ତଥା ବ୍ୟକ୍ତିତ୍ୱ ଓ ଉଚ୍ଚ ସ୍ତରୀୟ ଚାରିତ୍ରିକ ସ୍ତରରେ ଆଣି ଉପନୀତ କରିଦେଇଥିଲା ଯଦ୍ୱାରା ଏହି ବିପ୍ଳବ ସୃଷ୍ଟି ହୋଇଥିଲା । ଅତଏବ ପବିତ୍ର କୁରଆନ୍‌ର ଶିକ୍ଷା ଉପରେ ଅନୁକରଣ କରିବା ଦ୍ୱାରା ହିଁ ଏପରି ପ୍ରକୃତ ଓ ମହାବିପ୍ଳବ ଆସିଥାଏ । ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a

23rd July 2021